## ୫ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ: ଅନୁଗୋଳ ଜିଲାରୁ ସୋମବାର ୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୨ ହଜାର ୫୮୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଜିଲାରେ ବଅଁରପାଳ ଅଞ୍ଚଳରୁ ୨ ଜଣ ଚିହ୍ନଟ ହୋଇଥିବାବେଳେ ଛେଣ୍ଡିପଦା ବ୍ଲକରୁ ଜଣେ, ଅନୁଗୋଳ ପୌରାଞ୍ଚଳରୁ ଜଣେ ଓ ତାଳଚେର ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୫ ଜଣ କରୋନାରୁ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ବ୍ରିଜ୍ ତଳକୁ ଖସିଲା ଟ୍ରକ୍

ମାଧପୁର,୫।୪: ଅନୁଗୋଳ ଜିଲା ଆଠମଲ୍ଲିକ-କିଆକଟା ପୂର୍ତ୍ତ ରାସ୍ତାର କନ୍ଧପଡା ବ୍ରିଜ୍‌ଠାରେ ସୋମବାର ସକାଳେ ଏକ ଟ୍ରକ୍ ଭାରସାମ୍ୟ ହରାଇ ତଳକୁ ଖସିପଡ଼ିଛି। ଫଳରେ ଟ୍ରକ୍‌ର ହେଲପର ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

### ଟ୍ରେନ୍ ଧକ୍କାରେ ମହିଳା ମୃତ

ବଅଁରପାଳ,୫।୪(ଡି.ଏନ.ଏ.): ଅନୁଗୋଳ ଜିଲା ନାଲ୍‌କୋ ରେଳ ଲାଇନର ପଙ୍ଗୁଆ ନିକଟରେ ସୋମବାର ସକାଳେ ଟ୍ରେନ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଗୀତାଞ୍ଜଳି ରାଉତ। ଏ ନେଇ ତାଙ୍କ ପୁଅ ନାଲ୍‌କୋ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ପୁଅ ଦର୍ଶାଇଛନ୍ତି ଯେ, ତାଙ୍କ ମା' ଗୀତାଞ୍ଜଳି ସକାଳେ ଜମିକୁ ଧାନ କାଟିବାକୁ ଯାଉଥିବାବେଳେ ଭାରତପୁରରୁ ନାଲ୍‌କୋ ଅଭିମୁଖେ ଯାଉଥିବା ମାଲବାହୀ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମା'ଙ୍କ ମୃତ୍ୟୁ ହୋଇଯାଇଥିଲା। ଅଭିଯୋଗ ପାଇ ପୋଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା,୫।୪(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବୁଦୁଲିମୁଣ୍ଡା ଗ୍ରାମର ସୁଭଦ୍ରା ସାହୁଙ୍କୁ ତାଙ୍କ ଶ୍ୱଶୁର ଚିନ୍ତାମଣି ସାହୁ, ଶାଶୂ ସରସ୍ୱତୀ ସାହୁ, ସ୍ୱାମୀ ରାମଚନ୍ଦ୍ର ସାହୁ ନିର୍ଯାତନା ଦେଉଥିବା ସୋମବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୯୧/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଅଭିଯୋଗକାରିଣୀ ସୁଭଦ୍ରା ୭ ବର୍ଷ ପୂର୍ବେ ରାମଚନ୍ଦ୍ରଙ୍କୁ ବିବାହ କରିଥିଲେ। ହେଲେ ବିବାହର କିଛି ମାସ ପରେ ତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ବାପଘରୁ ଅଧିକ ଯୌତୁକ ଆଣିବାକୁ ଦାବି କରି ଶ୍ୱଶୁର, ଶାଶୂ ଓ ସ୍ୱାମୀ ମାଡ଼ ମାରୁଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ୨ ବଖରା ଜଳିଗଲା

ବଇଣ୍ଡା,୫।୪(ଡି.ଏନ.ଏ.): ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ଘୋଡାବାନ୍ଧୁଣି ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟି ଦ୍ରୌପଦୀ ପ୍ରଧାନଙ୍କ ୨ ବଖରା ଜଳିଯାଇଛି। ରୋଷେଇରୁ ନିଆଁ ଲାଗି ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଏଥିରେ ସମ୍ପୃକ୍ତା ମହିଳାଙ୍କ ସମସ୍ତ ଆସବାବପତ୍ର, ଚାଉଳ, ବିରି, ମୁଗ, ଧାନ, ନଗଦ ଅର୍ଥ ଜଳିଯାଇଛି। କ୍ଷୟକ୍ଷତି ପରିମାଣ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଉଛି। ଖବରପାଇ ଆଠମଲ୍ଲିକ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ସଡ଼କ ସୁରକ୍ଷା ସଚେତନତା

ଛେଣ୍ଡିପଦା,୫।୪(ସ୍ୱ.ପ୍ର): ଛେଣ୍ଡିପଦା ବ୍ଲକ କୋଶଳା କଲେଜରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକଳ୍ପବିକାଶ ପକ୍ଷରୁ ମ୍ୟାଜିକ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଏକ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରରେ ସଡ଼କ ସୁରକ୍ଷା ଉପରେ ଆରକେ ମ୍ୟାଜିକ ପକ୍ଷରୁ ମ୍ୟାଜିକ ମାଧ୍ୟମରେ ସଚେତନତା କରାଯାଇଥିଲା। ମ୍ୟାଜିସିଆନ ବିଶ୍ୱମ୍ଭର ସାହୁ, ଅଶୋକ ଦାସ ଓ ଟାଣ୍ଡେମ ପ୍ରଡକସନର କଳାକାରଙ୍କ ଦ୍ୱାରା ଅଭିନୟ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି କରାଯାଇଥିଲା। ଛାତ୍ରୀଛାତ୍ରମାନେ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନିୟମ ସମ୍ପର୍କରେ ସଚେତନ କରାଇଥିଲେ। ବିକଳ୍ପ ବିକାଶ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ପରିଚାଳନା କରିଥିଲେ। କୋଶଳା କଲେଜ ଅଧ୍ୟକ୍ଷଙ୍କ ସମେତ ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଲମ୍ବୁଛି ଚୋରା କୋଇଲା ଚେର

■ ନକଲି ଚାଲାଣ କାଟି କରାଯାଉଛି ପରିବହନ
■ ତାଳଚେର, ଛେଣ୍ଡିପଦାରୁ ଯାଉଛି ଜିଲା ବାହାରକୁ
■ କୋଟି କୋଟି ଟଙ୍କାର ଲାଭ ଉଠାଉଛନ୍ତି ମାଫିଆ

ଅନୁଗୋଳ ଅଫିସ, ୫।୪

ଅନୁଗୋଳ ଜିଲାରେ ଲମ୍ବୁଛି ଚୋରା କୋଇଲା କାରବାର ଚେର। ବିଶେଷକରି ତାଳଚେର ଓ ଛେଣ୍ଡିପଦା ବ୍ଲକରେ ଥିବା ବିଭିନ୍ନ ଖଣିରୁ ଚୋରାରେ କୋଇଲା ଉତ୍ତୋଳନ କରାଯାଇ ଜିଲା ବାହାରକୁ ଚାଲାଣ କରାଯାଉଛି। ପୋଲିସ ଆଖିରୁ ଖସିବା ପାଇଁ ମାଫିଆମାନେ ଅତି ଚତୁରତାର ସହ ନକଲି ଚାଲାଣ କାଟି ବିଭିନ୍ନ ରାସ୍ତାରେ ଟ୍ରକ୍, ଟିପ୍ପର, ଟାଟା ଏସିଇରେ ଏହାକୁ ପରିବହନ କରୁଛନ୍ତି। କେତେବେଳେ କେମିତି ପୋଲିସ, ସ୍ପେଶାଲ ସ୍କ୍ୱାଡ୍ କେତେଜଣଙ୍କୁ ଧରୁଥିବା ବେଳେ ବହୁ ମାଫିଆ ଖସିଯିବାରେ ସକ୍ଷମ ହେଉଛନ୍ତି।

ସୂଚନା ଅନୁଯାୟୀ, ଅନୁଗୋଳ ଜିଲାରୁ ଚୋରା କୋଇଲା ବୌଦ୍ଧ, ଦେବଗଡ଼, ସମ୍ବଲପୁର, କଟକ, ଢେଙ୍କାନାଳ, ସୁନ୍ଦରଗଡ଼ ଓ ଜଗତସିଂହପୁର ଆଦି ଜିଲାକୁ ଚାଲାଣ କରାଯାଉଛି। ତାଳଚେରରେ ଥିବା କେତୋଟି ଖଣିରୁ ଚୋରାରେ କୋଇଲା ନିଆଯାଉଥିବା ବେଳେ ଅନ୍ୟତମ ଶିଳ୍ପାଞ୍ଚଳ ଛେଣ୍ଡିପଦାରେ ହାତ ପାହାନ୍ତାରେ କୋଇଲା ମାଫିଆମାନଙ୍କୁ ମିଳିଯାଉଛି। ଲୋକଙ୍କ ବାଡ଼ି ଓ ଜମିରେ ବଡ଼ ବଡ଼ ଖାତ ଓ ସୁଡ଼ଙ୍ଗ କରାଯାଇ ଚୋରାରେ କୋଇଲା ବାହାର କରାଯାଉଛି। ଏସବୁକୁ ବିଭିନ୍ନ ଗାଡ଼ିରେ ଲଦି ନକଲି ଚାଲାଣ କଟାଯାଇ ଜିଲା ବାହାରକୁ ପଠାଯାଉଛି।


ଛେଣ୍ଡିପଦା ଅଞ୍ଚଳରେ ଏକ ଚୋରା କୋଇଲା ଖାତକୁ ପୋତାଯାଉଛି।

ବଅଁରପାଳ ଅଞ୍ଚଳ ଦେଇ କିଛି ଚୋରା କୋଇଲା ଗାଡ଼ି ଢେଙ୍କାନାଳ, କଟକ ଓ ଜଗତସିଂହପୁର ଯାଉଛି। ତାଳଚେର ବହ୍ଲର ଛକରୁ ତିତିରି ଓ ପରଜଙ୍ଗ ଦେଇ ଯାଜପୁର, କେନ୍ଦୁଝରକୁ ଚାଲାଣ କରାଯାଉଛି। ସେହିପରି ରେଢ଼ାଖୋଲ କିଆକଟା ଦେଇ ବୌଦ୍ଧ ଯାଉଛି। ପାଲଲହଡ଼ା ଦେଇ କେତୋଟି ଚୋରା ଗାଡ଼ି ସୁନ୍ଦରଗଡ଼ ଜିଲାକୁ ଯାଉଛି। ଅତୀତରେ ଏସବୁ ରାସ୍ତାରୁ ଅନୁଗୋଳ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଏକାଧିକ ଚୋରା କୋଇଲା ଗାଡ଼ି ଜବତ କରିଛି।

ଗତ ୪ ତାରିଖ ବିଳମ୍ବିତ ରାତିରେ କଲିୟାରୀ ଥାନା ସେଣ୍ଟ୍ରାଲ କଲୋନୀ ଅଞ୍ଚଳରୁ ଏକ ୧୦ ଚକିଆ ଚୋରା କୋଇଲା ବୋଝେଇ ଗାଡ଼ି ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ତାଳଚେର ବାଘୁଆକୋଲ ଅଞ୍ଚଳରୁ ଚୋରା କୋଇଲା ବୋଝେଇ ଏକ ୧୪ ଚକିଆ ଟ୍ରକ୍‌କୁ ଜବତ କରାଯାଇଛି। ୩ ତାରିଖ ରାତିରେ ହଣ୍ଡପା ଥାନା ଅଞ୍ଚଳରୁ ଦୁଇଟି ଚୋରା କୋଇଲା ଗାଡ଼ିକୁ ଧରି ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ଏସ୍‌ଆଇ ଦୀନକୃଷ୍ଣ ମିଶ୍ର ଥାନାକୁ ହସ୍ତାନ୍ତର କରିଛନ୍ତି। ଏଥିରେ ୫ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ମାର୍ଚ୍ଚ ୨୮ ତାରିଖ ଭୋର ସମୟରେ କଲିୟାରୀ ଥାନା ହାଣ୍ଡିଧୁଆ ଅଞ୍ଚଳରୁ ଏକ ୧୪ ଚକିଆ ଟ୍ରକ୍ ସହ ଏକ ପିକ୍‌ଅପ୍‌କୁ ସ୍ପେଶାଲ ସ୍କ୍ୱାଡ୍ ଜବତ କରିଥିଲା। ଏହି ଘଟଣାରେ ୬ ଜଣ କୋଇଲା ମାଫିଆଙ୍କୁ ସ୍ପେଶାଲ ସ୍କ୍ୱାଡ୍ ଉଠାଇ ନେଇଥିଲା। ଜିଲା ବାହାର ବିଭିନ୍ନ ଇଟା ଫ୍ୟାକ୍ଟ୍ରି ଓ ଢାବାକୁ ଏସବୁ ଚୋରା କୋଇଲା ଚାଲାଣ କରାଯାଉଥିବା ପଚରାଉଚରା ବେଳେ ମାଫିଆମାନେ ପୋଲିସକୁ ସୂଚନା ଦେଇଛନ୍ତି। ନକଲି ଚାଲାଣ ପାଇଁ କୌଣସି ଏକ କମ୍ପାନୀର ଷ୍ଟାମ୍ପ ପ୍ୟାଡ୍ ବା ଲୋଗୋ ବ୍ୟବହାର କରି ଏମାନେ କୋଟି କୋଟି ଟଙ୍କାର ଲାଭ ଉଠାଉଥିବା ସୂଚନା ମିଳିଛି।

### ଚଢ଼ାଉ ଜାରି ରହିଛି



"ଅନୁଗୋଳ ଜିଲାରେ କିଭଳି କୋଇଲା ଚୋରା ଚାଲାଣ ସମ୍ପୂର୍ଣ୍ଣ ବନ୍ଦ ହେବ ସେ ଦିଗରେ କାର୍ଯ୍ୟ ଜାରି ରହିଛି। ନିୟମିତ ଚଢ଼ାଉ ଯୋଗୁ ଏହି କାରବାର ହ୍ରାସ ପାଇଛି। ଏପରି ବେଆଇନ କାର୍ଯ୍ୟ କରୁଥିବା ଲୋକଙ୍କୁ ଗିରଫ କରାଯିବା ସହ ଗାଡ଼ି ସିଜ୍ କରାଯାଉଛି। ଛେଣ୍ଡିପଦା ଅଞ୍ଚଳରେ ବେଆଇନ କୋଇଲା ଖାତ ଠାବ କରାଯାଇ ପୋତାଯାଉଛି।

-ଜଗମୋହନ ମୀନା, ଅନୁଗୋଳ ଏସ୍‌ପି

### ଇଟାଭାଟିରେ ବ୍ୟବହାର ହେଉଛି



"ଅନୁଗୋଳ ଜିଲାରୁ ଚୋରା କୋଇଲା ବିଭିନ୍ନ ସ୍ଥାନକୁ ପଠାଯାଉଛି। ବିଶେଷକରି ଇଟାଭାଟି ଗୁଡ଼ିକରେ ଏହାର ବ୍ୟବହାର ବଢ଼ୁଛି। ବଜାର ମୂଲ୍ୟ ଅପେକ୍ଷା ଚୋରା କୋଇଲା ଶସ୍ତାରେ ମିଳୁଥିବାରୁ ବେଆଇନ ଭାଟି ମାଲିକମାନେ ଏପରି କାରବାରକୁ ପ୍ରୋତ୍ସାହନ ଦେଉଛନ୍ତି। ସେମାନେ ଅଧିକ କୋଇଲା କିଣୁଥିବାରୁ କୋଇଲା ଚୋରି ବଢ଼ିବାରେ ଲାଗିଛି।

-ରଣଜିତ ପଟ୍ଟନାୟକ, ସାମାଜିକ କର୍ମୀ, ବଇଣ୍ଡା

### ପ୍ରଶାସନ ଅଧିକ ତତ୍ପର ହେଉ



"ପୂର୍ବରୁ ତାଳଚେର ଖଣି ଅଞ୍ଚଳରୁ ଅଧିକ ପରିମାଣର ଚୋରା କୋଇଲା ବାହାରକୁ ପଠାଯାଉଥିଲା। ପୋଲିସ ଓ ପ୍ରଶାସନ ଏହା ଉପରେ କଡ଼ା ନଜର ରଖିବା ପରେ ଏବେ ଛେଣ୍ଡିପଦା ଶିଳ୍ପାଞ୍ଚଳରୁ କୋଇଲା ଚୋରି ବଢ଼ୁଛି। ତେଣୁ ଏ ନେଇ ପ୍ରଶାସନ ଅଧିକ ତତ୍ପର ହେବା ସହ ଏହି ବେଆଇନ କାରବାର ରୋକିବା ଦରକାର।

-ସୀତାରାମ ସାହୁ, ସାମାଜିକ କର୍ମୀ

### ବଳିଷ୍ଠ ପଦକ୍ଷେପ ନିଆଯାଉନି



"ତାଳଚେରଠାରେ ଖଣି ବିଭାଗର ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ରହିଛି। କିନ୍ତୁ କୋଇଲା ଚୋରି ରୋକିବା ପାଇଁ ସେପରି ବଳିଷ୍ଠ ପଦକ୍ଷେପ ନିଆଯାଉ ନାହିଁ ଫଳରେ ଏହି ଜାତୀୟ ସମ୍ପତ୍ତି ଲୁଟ୍ ହେବାରେ ଲାଗିଛି। ଛେଣ୍ଡିପଦା ଅଞ୍ଚଳରୁ ଚୋରା କୋଇଲା ଖଣି ଓ ଚାଲାଣ ସମ୍ପୂର୍ଣ୍ଣ ବନ୍ଦ କରିବା ନିମନ୍ତେ ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ଅଧିକ ଦୃଷ୍ଟି ଦିଆଯାଉ।

-ନଗେନ ନନ୍ଦ, ବାର ଆସୋସିଏଶନ ସଭାପତି, ଛେଣ୍ଡିପଦା

# ମହିଳାଙ୍କ କ୍ଷତାକ୍ତ ମୃତଦେହ ଜବତ

**ବଳାତ୍କାର ପରେ ହତ୍ୟା ସନ୍ଦେହ**

ଅନୁଗୋଳ ଅଫିସ, ୫।୪

ଅନୁଗୋଳ ସଦର ଥାନା ଅଞ୍ଚଳର ଜଣେ ମହିଳାଙ୍କ ମୃତଦେହ ତାଙ୍କ ଘର ମଧ୍ୟରୁ ପୋଲିସ ଜବତ କରିଛି। ଘର କବାଟ ବାହାରୁ ବନ୍ଦ ଥିବାବେଳେ ମହିଳା ଜଣକ ଅର୍ଦ୍ଧନଗ୍ନ ଅବସ୍ଥାରେ ପଡ଼ିଥିଲେ। ତାଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ମୁଣ୍ଡ ମଧ୍ୟ ଫାଟିଯାଇଛି। ତେଣୁ ବଳାତ୍କାର ପରେ ତାଙ୍କୁ ହତ୍ୟା କରାଯାଇଥିବା ସାଧାରଣରେ ସନ୍ଦେହ କରାଯାଉଛି। ସଦରଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପ୍ରାଥମିକ ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଦେଇଛି। ପୋଲିସ କହିଛି, ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ରାଜ୍ୟ ବାହାରେ ଚାକିରି କରନ୍ତି। ଝିଅ ଓ ପୁଅ ମଧ୍ୟ ବାହାରେ ରୁହନ୍ତି। ସେ ଘରେ ଏକା ରହୁଥିଲେ। ସୋମବାର ସାନ ପୁଅ ଘରକୁ ଆସିଥିବାବେଳେ ଘର କବାଟ ବାହାରପଟୁ ବନ୍ଦ ରହିଥିଲା। ସେ କବାଟ ଖୋଲିବା ପରେ ଭିତରର ଦୃଶ୍ୟ ଦେଖି ଚକିତ ହୋଇଯାଇଥିଲେ। ମା'ଙ୍କ କ୍ଷତବିକ୍ଷତ ମୃତଦେହ ପଡିଥିବା ଦେଖି ତୁରନ୍ତ ପଡ଼ୋଶୀଙ୍କୁ ଜଣାଇଥିଲେ। ପରେ ସଦର ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ, ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝି ପ୍ରମୁଖ ପହଞ୍ଚିଥିଲେ। ଅପରାହ୍ନରେ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରାଯାଇଛି। ଘଟଣା ସମ୍ବେଦନଶୀଳ ହୋଇଥିବାରୁ ସମସ୍ତ ଦିଗରୁ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସଦର ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଧାରଣା


କଂଗ୍ରେସ ପକ୍ଷରୁ ଗଣଧାରଣା ଦିଆଯାଇଛି।

ଅନୁଗୋଳ ଅଫିସ, ୫।୪

କୋଭିଡ୍ ମହାମାରୀ ସମୟରେ ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ଦର ବୃଦ୍ଧିକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ଜିଲା ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ବର୍ଦ୍ଧିତ ଦର ପ୍ରତ୍ୟାହାର ଦାବିରେ ସୋମବାର ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜିଲା ମୁଖ୍ୟ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ବିଦ୍ୟୁତ୍ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ସସ୍ମିତା ବେହେରା, ବିଜୟା ନନ୍ଦ ଚାଉଳିଆ, ସୁରେଶ ବେହେରା, ସୁବ୍ରତ ଗଡ଼ନାୟକ, ଅନୁଗୋଳ ବ୍ଲକ ସଭାପତି ଅମୂଲ୍ୟ ବେହେରା, ସୁରେଶ ମାଝି, ଉମେଶ ସାହୁ, ରାଜକିଶୋର ସାହୁ, ଜୟନ୍ତ ସାହୁ, ସୁନୀଲ ପ୍ରଧାନ, ହାଡିବନ୍ଧୁ ବିଶ୍ୱାଳ, ପ୍ରଶାନ୍ତ ନାୟକ, ଧର୍ମେନ୍ଦ୍ର ନାଥ ମିଶ୍ର, ରମାକାନ୍ତ ପ୍ରଧାନ, ଶିବାନୀ ଶଙ୍କର ଗୌଡ଼, ବାପୁଜୀ ପ୍ରଧାନ, ସୌମ୍ୟ ରଞ୍ଜନ ସାହୁ, ଆଲୋକ ଦାସ, ବାପୁନ ଦେହୁରୀ, ଉପେନ୍ଦ୍ର ପ୍ରଧାନ, କୈଳାସ ପ୍ରଧାନ, ଆଲୋକ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ପାନୀୟ ଜଳ ଦାବିରେ ବିକ୍ଷୋଭ

ଛେଣ୍ଡିପଦା,୫।୪(ସ୍ୱ.ପ୍ର.)

ପାନୀୟ ଜଳ ଯୋଗାଇ ଦେବା ଦାବିରେ ଛେଣ୍ଡିପଦା ବ୍ଲକ ମାମୁରିଆ ରୁଗୁଡି ସାହିର ମହିଳାମାନେ ସୋମବାର ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ମହିଳାମାନଙ୍କ ଅଭିଯୋଗ ମୁତାବକ, ମାମୁରିଆ ଗ୍ରାମରେ ଦୀର୍ଘ ଦିନ ହେବ ପାଣି ସମସ୍ୟା ଲାଗି ରହିଛି। ଏ ନେଇ ଗ୍ରାମବାସୀ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ କୌଣସି ସୁଫଳ ମିଳୁନାହିଁ। ପ୍ରତିବାଦରେ ଗ୍ରାମର ସାହିର ୫୦ରୁ ଊର୍ଦ୍ଧ୍ୱ ମହିଳା ଗରା, ବାଲଟି ଧରି ବ୍ଲକ ସମ୍ମୁଖରେ ବିକ୍ଷୋଭ କରିଥିଲେ। ତେବେ ଦୀର୍ଘ ସମୟ ଧରି କୌଣସି ଅଧିକାରୀ ଘଟଣାସ୍ଥଳକୁ ନ ଆସିବାରୁ ଶେଷରେ ମହିଳାମାନେ ନିରାଶ ହୋଇ ଘରକୁ ଫେରିଥିଲେ। ଖୁବ୍‌ଶିଘ୍ର ସାହିରେ ପାନୀୟ ଜଳ ଯୋଗାଣର ସ୍ଥାୟୀ ସମାଧାନ କରା ନ ଗଲେ ଗ୍ରାମରେ ବୈଠକ ବସିବା ସହ ପରିବାର ଓ ପିଲାଛୁଆଙ୍କୁ ଧରି ବ୍ଲକ କାର୍ଯ୍ୟାଳୟ ପରିସରରେ ଅନଶନରେ ବସିବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

# ନିଯୁକ୍ତି ନ ମିଳିଲେ ଆନ୍ଦୋଳନ

କଣିହାଁ,୫।୪(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁସ୍ଥିତ ଏମ୍‌ସିଏଲ୍ କୋଇଲା ଖଣିରେ କାର୍ଯ୍ୟ କରୁଥିବା ଠିକାସଂସ୍ଥାରେ ନିଯୁକ୍ତି ଦାବି କରି ଜରଡ଼ା ଗ୍ରାମର ବେକାର ଯୁବକମାନେ ରବିବାର ଖଣି ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ଦାବି ପୂରଣ ଯାଏ ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଜରଡ଼ା ପଞ୍ଚାୟତ ଅଞ୍ଚଳର ଯୁବକମାନଙ୍କୁ ନିଯୁକ୍ତି ଦିଆ ନ ଗଲେ ଆସନ୍ତା ୮ରୁ ଖଣିବନ୍ଦ ଆନ୍ଦୋଳନ କରାଯିବ ବୋଲି ସମିତିସଭ୍ୟ ଯତୀନ୍ଦ୍ର କୁମାର ସାହୁ ଖଣି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖଣି କ୍ଷତିଗ୍ରସ୍ତ ତଥା ସମିତି ସଭ୍ୟ ସାହୁ କହିଛନ୍ତି, କଣିହାଁ କୋଇଲା ଖଣି ପାଇଁ ଜରଡ଼ା ପଞ୍ଚାୟତର ସମସ୍ତ ଗ୍ରାମ ଅଧିଗ୍ରହଣ ହୋଇଛି। ଅନେକ ଗ୍ରାମ ବିସ୍ଥାପିତ ହୋଇଥିବାବେଳେ ବାକି ଗ୍ରାମକୁ ବିସ୍ଥାପନ ପାଇଁ ପ୍ରକ୍ରିୟା ଚାଲିଛି। ବର୍ତ୍ତମାନ ଖନନ, ଉତ୍ତୋଳନ ଓ ପରିବହନ କରୁଥିବା କମ୍ପାନୀ ଖଣି ଆଇନକୁ ଉଲ୍ଲଂଘନ କରି କ୍ଷତିଗ୍ରସ୍ତଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହିଁ। ସ୍ଥାନୀୟ ଯୁବକମାନଙ୍କୁ ନିଯୁକ୍ତି ଦିଆ ନ ଯାଇ ଅଣ ଓଡ଼ିଆ ତଥା ବାହାର ଅଞ୍ଚଳର ଯୁବକଙ୍କୁ କାର୍ଯ୍ୟରେ ଲଗାଉଛି। ପ୍ରତିବାଦ କଲେ ଧମକ ଦିଆଯାଉଛି। ତେଣୁ ପଞ୍ଚାୟତର ଯୁବକମାନଙ୍କୁ ନିଯୁକ୍ତି ବ୍ୟବସ୍ଥା ନ ହେଲେ ଆସନ୍ତା ୮ରୁ ଖଣି ବନ୍ଦ ଆନ୍ଦୋଳନ କରାଯିବ ବୋଲି ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଏ ନେଇ ଖଣି କର୍ତ୍ତୃପକ୍ଷ, କଣିହାଁ ଆଇଆଇସିଙ୍କୁ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିନାହିଁ।

# ଇ-ସେବା କେନ୍ଦ୍ରର ଶୁଭାରମ୍ଭ

ଅନୁଗୋଳ ଅଫିସ, ୫।୪


ଶୁଭାରମ୍ଭ ଅବସରରେ ବିଚାର ବିଭାଗୀୟ ଅଧିକାରୀମାନେ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତୀ ଡ. ଏସ୍. ମୁରଲୀଧର ସୋମବାର ପୂର୍ବାହ୍ନରେ ଅନୁଗୋଳ ଜିଲା କୋର୍ଟ ପରିସରରେ ଭିଡିଓ କନଫରେନସିଂ କ୍ୟାବିନ୍ ଏବଂ ପାଲଲହଡା ଏସ୍‌ଡିଜିଏମ୍ କୋର୍ଟଠାରେ ଇ- ସେବା କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହି ଶୁଭାରମ୍ଭ ସମୟରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଶତ୍ରୁଘ୍ନ ପୂଜାରୀ, ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ସଞ୍ଜୀବ କୁମାର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ନୂତନ ବ୍ୟବସ୍ଥା ଯୋଗୁ ଆଇନଜୀବୀ ଓ ଜନସାଧାରଣ ଅନ୍‌ଲାଇନ ପେମେଣ୍ଟ ଓ ଇ-ଫାଇଲିଂ ସୁବିଧାରେ କରିପାରିବେ। ସାମ୍ପ୍ରତିକ କରୋନା ପରିସ୍ଥିତିରେ ଘରେ ବସି ରାଜ୍ୟର ଯେ କୌଣସି କୋର୍ଟରେ ମାମଲା ଆବେଦନ କରିବା ପାଇଁ ଏହା ସହାୟକ ହେବ ବୋଲି ମୁଖ୍ୟ ଅତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସେସନ୍ ଜଜ୍ ଅନନ୍ତ କୁମାର ଦାସ, ଏଡିଜେ ତଥା ସ୍ପେଶାଲ ଜଜ୍ (ଭିଜିଲାନ୍ସ) ସୌମେନ୍ଦ୍ର ରାଜଗୁରୁ, ବିଚାରପତି ରଶ୍ମିତା ଦଳେଇ, ବିଚାରପତି ପ୍ରଭାକର ଗଣ୍ଡିଆ, ଏଡିଜେ ଅଗସ୍ତି କୁମାର ସାହୁ, ଏଡିଜେ ସୌମ୍ୟକ ପାତ୍ର, ସିଜିଏମ୍ ବାସୁଦେବ ପାତ୍ର, ରେଜିଷ୍ଟ୍ରାର ଆଶିଷ ପଟ୍ଟନାୟକ, ସିନିୟର ସିଭିଲ ଜଜ୍ ଲୋପାମୁଦ୍ରା ମଲ୍ଲ, ଶୁଭଲକ୍ଷ୍ମୀ ପାତ୍ର, ସୁଶ୍ରୀ ସଂଗୀତା ସାହୁ, ଏସ୍‌ଡିଜେଏମ୍ ଏ.କେ. ପରିଚ୍ଛା, ସୋହାନୀ ପଟ୍ଟନାୟକ, ତାରିଣୀ ପ୍ରସାଦ ସାହୁ, ସୁମନ କୁମାର ଆଚାର୍ଯ୍ୟ, ବାର ଆସୋସିଏଶନ ସଭାପତି ଦିଲୀପ କୁମାର ସାହୁ, ସମ୍ପାଦକ ସୋମନାଥ ରାଉତ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସରିଲା ନାମାଙ୍କନ, ପ୍ରାର୍ଥୀପତ୍ର ଯାଞ୍ଚ ଆଜି

**ଜିଲା ପରିଷଦ ଉପନିର୍ବାଚନ**

ଅନୁଗୋଳ ଅଫିସ, ୫।୪

ଆସନ୍ତା ୨୮ ତାରିଖରେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ୧୭ ନଂ ଜିଲା ପରିଷଦ ଜୋନ୍‌ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀ ତଥା ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ ବେଳେ ବହୁ ସଂଖ୍ୟାରେ ସମର୍ଥକ ଉପସ୍ଥିତ ଥିଲେ। ପ୍ରଥମେ ବିଜେଡି ପ୍ରାର୍ଥୀ ଜରପଡ଼ାର ପୂର୍ବତନ ସରପଞ୍ଚ ନାରଣ ସାହୁ ନାମାଙ୍କନ ଦାଖଲ କରିଥିଲେ। ତାଙ୍କ ସହ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଓ ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ଆସିଥିଲେ। ପରେ କଂଗ୍ରେସ ପ୍ରାର୍ଥୀ ଅଭିରାମ ସାହୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତାଙ୍କ ସହ ଛେଣ୍ଡିପଦା ଦଳୀୟ ନେତ୍ରୀ ସସ୍ମିତା ବେହେରା, ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନା ଓ ସମର୍ଥକମାନେ ଉପସ୍ଥିତ ଥିଲେ। ଭାଜପା ପ୍ରାର୍ଥୀ ବାଲିପଟାର ସମିତି ସଭ୍ୟ ଅଜିଜ ପ୍ରଧାନ ମା' ବୁଢ଼ୀ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ବିରାଟ ପଟୁଆରାରେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ଭାଜପା ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା ଓ ଜିଲା ସଭାପତି ଡିଲେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ। ମଙ୍ଗଳବାର ନାମାଙ୍କନପତ୍ର ଯାଞ୍ଚ ହେବ। ଆସନ୍ତା ୯ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀପତ୍ର ପ୍ରକାଶ ପାଇବ।


କଂଗ୍ରେସ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଥିବାବେଳେ ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଅଛନ୍ତି।


ବିଜେଡି ପ୍ରାର୍ଥୀ ଦଳୀୟ କର୍ମକର୍ତ୍ତାମାନଙ୍କ ସହ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି।


ଭାଜପା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଥିବାବେଳେ ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଅଛନ୍ତି।

ଧରିତ୍ରୀ
DHARITRI
ମଙ୍ଗଳବାର, ୬ ଏପ୍ରିଲ ୨୦୨୧



## ସଂକ୍ଷେପରେ

### ହରମୋହନଙ୍କୁ ମହାବିରୋଡ ରେଞ୍ଜ ଦାୟିତ୍ୱ



**ପରଜଙ୍ଗ, ୫।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା ମହାବିରୋଡ଼ ରେଞ୍ଜ୍ ଅଧିକାରୀ ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି ହରମାହନ ନାୟକ। ଏଥିପୂର୍ବରୁ ସେ ସଦର ରେଞ୍ଜରେ ଡେପୁଟି ରେଞ୍ଜର ଭାବେ କାର୍ଯ୍ୟରତ ଥିଲେ। ମହାବିରୋଡ ରେଞ୍ଜର ସୁବ୍ରତ ବେହେରାଙ୍କ ନାମରେ ବିଭିନ୍ନ ଅଭିଯୋଗ ଆସିବା ପରେ ସେ ବିବାଦୀୟ ହୋଇପଡ଼ିଥିଲେ। ତାଙ୍କୁ ବିଭାଗ ପକ୍ଷରୁ ଦୁଇଥର ବଦଳି କରାଯାଇଥିଲେ ମଧ ସେ କାର୍ଯ୍ୟାଳୟ ଛାଡୁ ନ ଥିଲେ। ଏହାକୁ ନେଇ ଅସନ୍ତୋଷ ବଢ଼ିବା ପରେ ସେ ଗତ ମାର୍ଚ୍ଚ ୩୧ରେ ଗାଦି ଛାଡ଼ିଥିଲେ। ଏହାପରେ ଡେପୁଟି ରେଞ୍ଜର ହରମୋହନ ରେଞ୍ଜର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ସେ ନିଜ ପ୍ରତିକ୍ରିୟାରେ କୁହନ୍ତି, ଉତ୍ତମ ଜନସମ୍ପର୍କ ସୃଷ୍ଟି କଲେ ଶିକାରୀ, କାଠମାଫିଆଙ୍କ ବିଷୟରେ ତଥ୍ୟ ମିଳିପାରିବ। ଜଙ୍ଗଲକୁ ବନାଗ୍ନି କବଳରୁ ସୁରକ୍ଷା ଦେବା, ହାତୀଜନିତ କ୍ଷୟକ୍ଷତି ରୋକିବା ଏବଂ କାଠଚୋରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତାଙ୍କର ପ୍ରାଥମିକତା ହେବ। ବିଭାଗ ପକ୍ଷରୁ ଜଙ୍ଗଲ ଇଲାକାରେ ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି ରେଞ୍ଜର କହିଛନ୍ତି।

### ୫୧ ୟୁନିଟ୍ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ, ୫।୪:** ଭାରତ ମାତା ସେବା ଅନୁଷ୍ଠାନ ତରଫରୁ ସୋମବାର ଢେଙ୍କାନାଳ ଜିଲା ଚିକିତ୍ସାଳୟର ରକ୍ତଭଣ୍ଡାର ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପରମାନନ୍ଦ ପଣ୍ଡା ରକ୍ତ ସଂଗ୍ରହ କରିଥିଲେ। ଅନୁଷ୍ଠାନର ସଭାପତି ଇଂ. ବାବୁଚାନ୍ଦ ମହାଲିକ, ସମ୍ପାଦକ ଶକ୍ତିପ୍ରସାଦ ନନ୍ଦ, କୋଷାଧ୍ୟକ୍ଷ ଲୋକନାଥ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ଏମ୍‌ପି ମହେଶ ସାହୁ, ଆର୍‌ଏସ୍‌ଏସ୍ ଜିଲା ସଂଘ ଚାଳକ ସୌମେନ ରାୟ, ବିଭାଗ ପ୍ରଚାରକ ଚିନ୍ମୟ ରଥ, ଜିଲା ପ୍ରଚାରକ ବାସୁଦେବ ସାହୁ, ସଦସ୍ୟ ପ୍ରଶାନ୍ତ ମିଶ୍ର, କଲ୍ୟାଣ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ଢେଙ୍କାନାଳ ଅଫିସ, ୫।୪:** ଛତିଶଗଡ଼ ବିଜାପୁର-ସୁକୁମାରେ ଲାଲ୍‌ବାହିନୀ ହିଂସାରେ ୨୩ ଯବାନ ଶହୀଦ ହେବା ଘଟଣା ସାରା ଦେଶକୁ ଦୋହଲାଇଦେଇଛି। ସମ୍ପୃକ୍ତ ବୀର ଯବାନଙ୍କ ସ୍ମୃତିରେ ଢେଙ୍କାନାଳ ଏବିଭିପି ନଗର ଶାଖା ପକ୍ଷରୁ ସୋମବାର ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଏବିଭିପିର ରାଜ୍ୟ ସହ ସମ୍ପାଦକ ଅରିଜିତ୍ ପଟ୍ଟନାୟକ, ଢେଙ୍କାନାଳ ବିଭାଗ ସଂଯୋଜକ ବି. ସୂର୍ଯ୍ୟ ରୋଶନ, ସୁଧାକର ସାହୁ ପ୍ରମୁଖ ଉପସ୍ଥିତ ରହି ମାଓବାଦୀ ଦମନ ଲାଗି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ରାଜ୍ୟ ଟେକ୍ନିକାଲ୍ ସେଲ୍ ସହ ସଂଯୋଜକ ଅରୂପ ପଟ୍ଟନାୟକ, ନଗର ଉପସଭାପତି ସିଦ୍ଧାର୍ଥ ଜେନା, ଢେଙ୍କାନାଳ ନଗର ସହ-ସମ୍ପାଦକ ପ୍ରଥମ ହୋତା, ସତ୍ୟପ୍ରିୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁ ପ୍ରିମିୟର ଲିଗ୍: ଫାଇନାଲରେ ସରାଙ୍ଗ

**ପରଜଙ୍ଗ, ୫।୪,(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ମିନି ଷ୍ଟାଡିୟମରେ ଚାଲିଥିବା ବିଜୁ ପ୍ରିମିୟର ଲିଗ୍-୨୦୨୧ରେ ରବିବାର ଖେଳାଯାଇଥିବା ତୃତୀୟ ଦିବାରାତ୍ର ସେମିଫାଇନାଲ ମ୍ୟାଚରେ ପରଜଙ୍ଗ ବ୍ଲକ ଛାତ୍ର ବିଜେଡିକୁ ହରାଇ ସରାଙ୍ଗ ଫାଇନାଲରେ ପ୍ରବେଶ କରିଛି। ଛାତ୍ର ବିଜେଡି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୬୦ ରନ୍ ସଂଗ୍ରହ କରିଥିଲା। ଜବାବରେ ସରାଙ୍ଗ ୧୧.୪ ଓଭରରେ ୬ ଉଇକେଟ ହରାଇ ୬୪ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ସୂର୍ଯ୍ୟକାନ୍ତ ପ୍ରଧାନ 'ମ୍ୟାନ ଅଫ୍ ଦ ମ୍ୟାଚ' ବିବେଚିତ ହୋଇଥିଲେ। ରାଧାକାନ୍ତ ତ୍ରିପାଠୀ, ବିଭୂତି ଭୂଷଣ ଭଞ୍ଜ ମ୍ୟାଚ୍ ପରିଚାଳନା କରିଥିବାବେଳେ ସିର୍ଦ୍ଧାର୍ଥ ରାଉତ ସ୍କୋରର ରହିଥିଲେ। ଖେଳ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ମଙ୍ଗଳବାର ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ ମଣ୍ଡଳୀ ପକ୍ଷରୁ ସୂଚନା ଦିଆଯାଇଛି।

# ଧର୍ମସ୍ଥଳୀରେ ଜନସମାଗମ ବାରଣ

**ଢେଙ୍କାନାଳ ଅଫିସ, ୫।୪**

ଡରାଇଲାଣି କରୋନାର ଦ୍ୱିତୀୟ ଲହରି। ଦେଶରେ ଦୈନିକ ସଂକ୍ରମଣ ଲକ୍ଷେ ଟପିଲାଣି। ରାଜ୍ୟରେ ଉପରମୁହାଁ କରୋନା ପୁଣି ଥରେ ସତର୍କ ଘଣ୍ଟି ବଜାଇଛି। ମହାମାରୀ କବଳରୁ ଧନଜୀବନ ସୁରକ୍ଷାକୁ ସରକାର ପ୍ରାଥମିକତା ଦେଉଥିବାବେଳେ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯିବା ସହ କଟକଣା ଲାଗୁ କରାଯାଇଛି। ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି।

ସମ୍ପ୍ରତି ରାଜ୍ୟରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ କର୍ମଚାରୀଙ୍କୁ କୋଭିଡ୍ ପ୍ରୋଟୋକଲ କଡାକଡି ଭାବେ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଠମନ୍ଦିର, ବିଭିନ୍ନ ଧର୍ମର ଉପସନାସ୍ଥଳୀରେ କେବଳ ନୀତିକାନ୍ତି ସମ୍ପନ୍ନ ହେବ। ପର୍ବପର୍ବାଣିରେ ଶ୍ରଦ୍ଧାଳୁଙ୍କ ସମାଗମକୁ ବାରଣ କରାଯାଇଛି। ଅଫିସରେ କାର୍ଯ୍ୟରତ ସମୟରେ ସମସ୍ତ କର୍ମଚାରୀଙ୍କୁ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ନିୟମ ପାଳନ କରିବା, ସାବୁନରେ ହାତ ଧୋଇବା, ଶାରୀରିକ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବା ଲାଗି ଯତ୍ନଶୀଳ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। କରୋନାର ନୂଆ ଷ୍ଟ୍ରେନ୍ ଦ୍ରୁତିଗତିରେ ସଂକ୍ରମିତ ହେଉଥିବାରୁ କର୍ମଚାରୀଙ୍କୁ ଟିକା ନେବା ଲାଗି ଗୁରୁତ୍ୱ ପ୍ରଦାନ କରାଯାଇଛି। ଅଭିଯୋଗକାରୀ କୌଣସି ଅଭିଯୋଗ ନେଇ ଆସିଲେ ସମ୍ପୃକ୍ତ କାର୍ଯ୍ୟାଳୟରେ ରଖାଯାଇଥିବା ବାକ୍ସରେ ଦାଖଲ କରିବେ। ଅନାବଶ୍ୟକ ଭାବେ ଗହଳି ନ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ଓସ୍‌ୱାନ ଭିଡିଓ କନଫରେନ୍ସ ହଲ୍‌ରେ ଜିଲାର କୋଭିଡ୍ ସ୍ଥିତି ସମ୍ପର୍କରେ ଜିଲାପାଳ ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସଂକ୍ରମଣ ପ୍ରତିହତ କରିବାକୁ ଗ୍ରାମାଞ୍ଚଳରେ ଗାଁ କଲ୍ୟାଣ ସମିତି ଦ୍ୱାରା ଲୋକଙ୍କୁ ସଚେତନ କରାଯିବ। ସର୍ବସାଧାରଣ ସ୍ଥାନ, ହାଟବଜାର, ବ୍ୟବସାୟିକ ପ୍ରତିଷ୍ଠାନରେ କରୋନା କଟକଣା କଡ଼ାକଡ଼ି ପାଳନ କରାଯିବ। ଅମାନିଆଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ବିଭିନ୍ନ କାର୍ଯ୍ୟାଳୟକୁ ଆସୁଥିବା ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଦୋକାନୀ, ବ୍ୟବସାୟୀଙ୍କ କରୋନା ପରୀକ୍ଷା କରାଇ ଟିକାକରଣ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି।

ବୈଠକରେ ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର, ଏଡିଏମ୍‌ଓ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଡେପୁଟି କଲେକ୍ଟର ସୀତାଂଶୁ ଶେଖର ଦାସ, ଆପାତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ତହସିଲଦାର ଲକ୍ଷ୍ମୀଧର ରାଉତ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

- କର୍ମଚାରୀଙ୍କୁ କୋଭିଡ୍ ପ୍ରୋଟୋକଲ ପାଳନ ନିର୍ଦ୍ଦେଶ
- ନୀତିକାନ୍ତିରେ ସୀମିତ ରହିବ ପର୍ବପର୍ବାଣି
- କଟକଣା ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ

### ରାଜ୍ୟ ବାହାରୁ ଆସିଲେ ବାଧ୍ୟତାମୂଳକ ସଙ୍ଗରୋଧ

ପଡ଼ୋଶୀ ରାଜ୍ୟରେ କରୋନା ସଂକ୍ରମଣ ଭୟଙ୍କର ଭାବେ ବୃଦ୍ଧି ପାଉଛି। ତେଣୁ ରାଜ୍ୟ ବାହାରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ସତର୍କ ଦୃଷ୍ଟି ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ସଂଗ୍ରହ କରିବାକୁ ପଞ୍ଚାୟତିରାଜ ପ୍ରତିନିଧି, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଶିକ୍ଷକଙ୍କୁ ପରାମର୍ଶ ଦିଆଯାଇଛି। ରାଜ୍ୟ ବାହାରୁ ଆସୁଥିବା ବ୍ୟକ୍ତିଙ୍କ ଲାଗି ବାଧ୍ୟତାମୂଳକ ସଙ୍ଗରୋଧ ବ୍ୟବସ୍ଥା କରାଯାଇଛି। ସେମାନଙ୍କ କରୋନା ପରୀକ୍ଷା କରାଯିବ। ପଜିଟିଭ୍ ଚିହ୍ନଟ ହେଲେ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

### ନୂତନ ଡିଆଇପିଆର୍‌ଓଙ୍କ ଦାୟିତ୍ୱ ଗ୍ରହଣ


ଶାରଦା ପ୍ରସାଦ ମହାନ୍ତି

**ଢେଙ୍କାନାଳ ଅଫିସ, ୫।୪**

ଢେଙ୍କାନାଳର ନୂତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ଭାବେ ସୋମବାର ଅପରାହ୍ନରେ ଶାରଦା ପ୍ରସାଦ ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥି ପୂର୍ବରୁ ସେ କଟକ ଜିଲା ବାଙ୍କୀ ଉପଖଣ୍ଡର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ପଦୋନ୍ନତି ପାଇ ସେ ଢେଙ୍କାନାଳ ଡିଆଇପିଆର୍‌ଓ ପଦବୀରେ ଅବସ୍ଥାପିତ ହୋଇଛନ୍ତି। ଏହି ପଦବୀ ସମ୍ଭାଳୁଥିବା ଡେପୁଟି କଲେକ୍ଟର ସୀତାଂଶୁ ଶେଖର ଦାସ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଡିଆଇପିଆର୍‌ଓ ମହାନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କୁ ସାକ୍ଷାତ କରି ନିଜର ଯୋଗଦାନ ପତ୍ର ପ୍ରଦାନ କରିଥିଲେ। ଏହାପରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧିର ପ୍ରତିବାଦ



ଧାରଣାରତ କଂଗ୍ରେସ କାର୍ଯ୍ୟକର୍ତ୍ତା।

**ଢେଙ୍କାନାଳ ଅଫିସ, ୫।୪**

ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ବାଜିଚୌକ ସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ଦିଆଯାଇଛି। କୋଭିଡ୍ ମହାମାରୀ ସମୟରେ ଏଭଳି ବିଦ୍ୟୁତ୍ ଦର ବୃଦ୍ଧି ଗ୍ରାହକଙ୍କ ଉପରେ ଜୁଲମ। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଏସ୍‌ଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରେମଶଙ୍କର ମିଶ୍ର, ସୁନୀଲ ଦାଶ, ଗୋପାଳ ଚନ୍ଦ୍ର ସାହୁ, ନିଶାକର ସାହୁ, ଚକ୍ରଧର ନାୟକ, ନିର୍ମଳ ମିଶ୍ର, ଜିତେନ୍ଦ୍ର ସାହୁ, ମମତାଞ୍ଜଳି ବେହେରା, ଶିଳ୍ପୀଶ୍ରୀ ହରିଚନ୍ଦନ, ହାଇଦର ମହମ୍ମଦ, ଅମର ସେନାପତି, ଶୁଭମ୍ ଦାସ, ମହମ୍ମଦ ସମୀର ପ୍ରମୁଖ ଉପସ୍ଥିତ ଥିଲେ।

## ୭ରେ ଅନୁଗୋଳ ଜିଲା ବନ୍ଦ ଡାକରା

**ଅନୁଗୋଳ ଅଫିସ, ୫।୪**

ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍) ବନ୍ଦ କରାଯିବାକୁ ଅନୁଗୋଳ ଜିଲା ବିଜେଡି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏନ୍‌ଟିପିସିର ଏପରି ନିଷ୍ପତ୍ତି ନେଇ ଦଳ କର୍ମକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ଏ ନେଇ ଆସନ୍ତା ୭ ତାରିଖରେ ଅନୁଗୋଳ ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯିବ ବୋଲି ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ପାଲଲହଡ଼ା ବିଧାୟକ ମୁକେଶ ପାଳ, ବିଜେଡି ଜିଲା ସଭାପତି ମହେନ୍ଦ୍ର ବହିଆ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ଅରୁନାଭ ସିଂହ, ଆଠମଲ୍ଲିକ ବିଧାୟକଙ୍କ ପ୍ରତିନିଧି କବି ରାଜ ସାହୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବନ୍ଦ ପାଳନ ବେଳେ ଜିଲାର ସମସ୍ତ ସରକାରୀ, ବେସରକାରୀ, ବ୍ୟବସାୟିକ ପ୍ରତିଷ୍ଠାନ ସହ ଗାଡ଼ି ଚଳାଚଳ ଓ ରେଳ ଚଳାଚଳ ବନ୍ଦ ରହିବ।

**ଟିଟିପିଏସ୍ ବନ୍ଦ ନେଇ ଗର୍ଜିଲା ବିଜେଡି**

## ସାମର୍ଥ୍ୟ ଶିବିର: ୨୮୬ ପଞ୍ଜୀକୃତ


ଆଶାୟୀଙ୍କ ନାମ ପଞ୍ଜୀକରଣ କରାଯାଉଛି।

**ଭୁବନ, ୫।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ କଲୋନୀ ପରିସରରେ ସୋମବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଏବଂ ଏନ୍‌ଏସି ଅନ୍ତର୍ଗତ ୨୮୬ ଜଣ ଆଶାୟୀ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରେ ଚକ୍ଷୁ ବିଭାଗରେ ୨୩, ମାନସିକ ରୋଗ ବିଭାଗରେ ୪୩, ଇଏନ୍‌ଟିରେ ୨୮, ଶାରୀରିକ ଅକ୍ଷମତା ପାଇଁ ୯୫, ବସ୍‌ପାସ୍ ପାଇଁ ୨୧ ଜଣ ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ ୧୮ ବର୍ଷରୁ କମ୍ ୭୬ ଜଣ ଯୁବତୀଯୁବକ ପଞ୍ଜୀକୃତ ହୋଇଥିଲେ। ତନ୍ମଧ୍ୟରୁ ୨୪୭ ଜଣଙ୍କୁ ଦିବ୍ୟାଙ୍ଗ ଭାବେ ଚିହ୍ନଟ କରାଯାଇଛି। ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରୀ ଟିମ୍ ପରୀକ୍ଷା କରିଥିଲେ।

ଶିବିରକୁ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଉଦ୍‌ଘାଟନ କରିଥିଲେ। ବିଡିଓ ଆଶୀର୍ବାଦ ପରିଡା, ଜିପିଇଓ ଶ୍ରୀକାନ୍ତ କୁମାର ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଜନ କୁମାର ମିଶ୍ରଙ୍କ ସମେତ ବିଇଓ, ଏବିଇଓ, ସିଆର୍‌ସିସି, ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ, ଅଙ୍ଗନୱାଡି କର୍ମୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୪ ପ୍ରକଳ୍ପ ଲୋକାର୍ପିତ

**ପରଜଙ୍ଗ, ୫।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗରେ ସୋମବାର ୬୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୪ ପ୍ରକଳ୍ପ ଲୋକାର୍ପିତ ହୋଇଛି। ଏମ୍‌ପି ମହେଶ ସାହୁ ଏବଂ ବିଧାୟକ ଡା. ନୃସିଂହ ଚରଣ ସାହୁ ଉପସ୍ଥିତ ରହି ସମସ୍ତ ପ୍ରକଳ୍ପଗୁଡ଼ିକୁ ଉଦ୍‌ଘାଟନ କରିଥିଲେ।

ପରଜଙ୍ଗ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ଲାଗି ଅନୁଗୋଳ ଜିଲା ଖଣିଜ ପାଣ୍ଠିରୁ ୫୫ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ସେଥିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ, ୧୦ ଲକ୍ଷ ଟଙ୍କାରେ ପରଜଙ୍ଗ ମହାବିଦ୍ୟାଳୟର ନୂତନ ଗୃହ ଏବଂ ୩୫ ଲକ୍ଷ ଟଙ୍କା ବ୍ୟୟରେ ମହେଶ୍ୱନ୍ଦ୍ର ସୁବାହୁ ସିଂହ ନୋଡାଲ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ନିର୍ମାଣ କରାଯାଇଥିଲା। ସୋମବାର ଆନୁଷ୍ଠାନିକ ଭାବେ ଏମ୍‌ପି, ବିଧାୟକ ଏହାକୁ ଲୋକାର୍ପଣ କରିଥିଲେ। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମିଶନ ଶକ୍ତି ଗୃହକୁ ମଧ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର ବିକାଶ ଲାଗି ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଦିନରେ ଏହି ଧାରା ଜାରି ରହିବ ବୋଲି ଏମ୍‌ପି କହିଥିଲେ।

ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ବିଡିଓ ବସନ୍ତ ମଲ୍ଲିକ, ପରଜଙ୍ଗ କଲେଜ ଅଧ୍ୟକ୍ଷ ସନାତନ ସାମଲ, ସରପଞ୍ଚ ପ୍ରିୟଜିତ୍ ସାମଲ, ସମିତିସଭ୍ୟ ମୀନକେତନ ସାମଲ, ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ସାମାଜିକର୍ମୀ ନିରାକାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ମିଶନଶକ୍ତି ଗୃହ ଲୋକାର୍ପଣ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟ ଅତିଥିମାନେ।

# ଜାରିରହିବ କଲେଜ ବିକାଶ


ବୈଠକରେ ଯୋଗଦେଇଥିବା ଆଲୁମ୍‌ନି ଆସୋସିଏଶନର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୫।୪**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଲୁମ୍‌ନି ଆସୋସିଏଶନର ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାଥ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ସଂଘର ଉପସଭାପତି ନବୀନଚନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଆଲୁମ୍‌ନି ଆସୋସିଏଶନକୁ ସଶକ୍ତ କରାଯିବ। କଲେଜର ବିକାଶ ପାଇଁ ଆସୋସିଏଶନ ଅବିରତ ଉଦ୍ୟମ କରିବ। କଲେଜକୁ ୧ନମ୍ବର କରିବା ଲାଗି ଏକାଠି ହୋଇ ପୁରାତନ ଛାତ୍ରୀଛାତ୍ରମାନେ କାମ କରିବାକୁ ଦୃଢ ସଂକଳ୍ପ ନିଆଯାଇଥିଲା। ସରକାରଙ୍କ ମୋ କଲେଜ ଅଭିଯାନକୁ ସଫଳ କରିବା, ଅଧିକରୁ ଅଧିକ ପାଣ୍ଠି ସଂଗ୍ରହ କରି ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଏହି ଉପଲକ୍ଷେ ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ଅସ୍ଥାୟୀ କମିଟି ଗଠନ କରାଯାଇଛି। ସଭାପତି ଭାବେ ନବୀନଚନ୍ଦ୍ର ନାରାୟଣ ଦାସ, ଉପସଭାପତି ସାଇଶ୍ରୀ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର କୁଅଁର, ସମ୍ପାଦକ ବିରଞ୍ଚି ନାରାୟଣ ପାଣି, କାର୍ଯ୍ୟାଳୟ ସମ୍ପାଦକ ଅଧ୍ୟାପକ ଡ. ସମ୍ବିତ୍ କୁମାର ସାହୁ, କୋଷାଧ୍ୟକ୍ଷ ସୁନୀଲ ଦାଶ, ମୋ କଲେଜ ଅଭିଯାନ ଆବାହକ ଭାବେ ଡ. ଦେବୀ ପ୍ରସାଦ ମିଶ୍ର ମନୋନୀତ ହୋଇଛନ୍ତି। ଇଂଲିଶ ବିଭାଗ ମୁଖ୍ୟ ରଣଜିତ୍ ପ୍ରଧାନ ମୋ କଲେଜ ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ କମିଟି ସଭାପତି ବିନୟାନନ୍ଦ ମହାପାତ୍ରଙ୍କ ପରଲୋକରେ ତାଙ୍କର ଅମରାତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା।

ପୂର୍ବତନ ଅଧ୍ୟାପକ ଅଟଳ ବିହାରୀ ଦାସ, ମନୋଜ ଅଗ୍ରୱାଲ, ବେଣୁଧର ସାହୁ, ଶରତ ସାହୁ, ଗୋପାଳଚନ୍ଦ୍ର ପାତ୍ର, ପ୍ରେମଶଙ୍କର ମିଶ୍ର, ସମରେନ୍ଦ୍ର ନନ୍ଦ, ମାନସ ରଞ୍ଜନ ରାଉତ, ଟଙ୍କଧର ବେହେରା, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ପ୍ରତାପ ଦାସ, ରାଜକିଶୋର ବେହେରା, ରୁଦ୍ରମାଧବ ମହାପାତ୍ର, ବିଭୁ ପ୍ରସାଦ ରଥ, ବିମଳକୃଷ୍ଣ ଥମ୍ୱ, ସୁବ୍ରତ ସାହୁ, ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଦୀପକ ପ୍ରସାଦ ପଟ୍ଟନାୟକ, ଲଲାଟ ସାହୁ, ଶୁଭ୍ରାଂଶୁ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରକାଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ଆଲୁମ୍‌ନି ଆସୋସିଏଶନ ବୈଠକ**
- ମୋ କଲେଜ ଅଭିଯାନ ସଫଳ କରିବାକୁ ଆହ୍ୱାନ
- ଶ୍ରେଷ୍ଠ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ନିଷ୍ପତ୍ତି
- ଏକାଠି ହୋଇ କାମ କରିବାକୁ ପୁରାତନ ଛାତ୍ରୀଛାତ୍ରଙ୍କ ସଂକଳ୍ପ

